## ରାସ୍ତା ତଳକୁ ଓଲଟିଲା କଣ୍ଟେନର

ଚୌଦ୍ୱାର,୧୪।୧୨(ସମିସ): ଚୌଦ୍ୱାର ପୌରପାଳିକା ଅଧିନ ବ୍ୟାରେଜ ରୋଡ଼ର ହିଙ୍ଗୁଳାଇ ଛକକୁ ସଂଯୋଗ କରୁଥିବା ଚୌଦ୍ୱାର-ମଣ୍ଡାପଡ଼ା ରାସ୍ତାର ପୋଟଳେଇ ମନ୍ଦିର ଅନତି ଦୂରରେ ରବିବାର ସନ୍ଧ୍ୟାରେ ଏକ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇଛି। କଣ୍ଟେନରରୁ ଇଞ୍ଜିନ ଅଲଗା ହୋଇ ରସ୍ତାକଡ଼କୁ ଓଲଟି ପଡ଼ିଛି। କଣ୍ଟେନରଟି ରାସ୍ତା ଉପରେ ରହିଯାଇଛି। ଦୁର୍ଘଟଣାରେ କେହି ମୃତାହତ ହୋଇନଥିବାବେଳେ ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପ୍ରକାଶ ଯେ ସନ୍ଧ୍ୟା ସମୟରେ ଏକ କଣ୍ଟେନର ଗାଡ଼ି ଅଣଓସାରିଆ ପୋଟଳେଇ ରାସ୍ତାରେ ଦ୍ରୁତ ଗତିରେ ଆସି ରାସ୍ତାକୁ ଲାଗିକରି ରହିଥିବା ବର ଗଛରେ ପିଟି ହୋଇଯାଇଥିଲା। ଫଳରେ କଣ୍ଟେନରର ଇଞ୍ଜିନଟି ବଡ଼ିରୁ ଛିଡ଼ିଯାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ହେତୁ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଖବରପାଇ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି କଣ୍ଟେନରକୁ ରାସ୍ତାରୁ ହଟାଇବା ସହିତ ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ପ୍ରକାଶଯୋଗ୍ୟ ଯେ ରାସ୍ତାକୁ ଲାଗି ଏକ ବରଗଛ ରହିଥିବା ଏବଂ ଏହାର ଡାଳସବୁ ରାସ୍ତା ଉପରକୁ ଝୁଲି ପଡ଼ି ଥିବାରୁ ଗାଡ଼ି ଚାଳକ ସମ୍ମୁଖ ରାସ୍ତା ସଠିକ୍ ଭାବେ ଦେଖି ନପାରି ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ରାସ୍ତା ଉପରକୁ ଝୁଲିଥିବା ଗଛ ଡାଳ ସବୁ କାଟି ରାସ୍ତାକୁ ଅବରୋଧମୁକ୍ତ କରିବା ପାଇଁ ଦାବି କରିଛନ୍ତି।

## ନରସିଂହପୁରରେ ଏକାଧିକ ସ୍ଥାନରୁ ଚୋରି

ନରସିଂହପୁର,୧୪।୧୨(ସମିସ): ନରସିଂହପୁର ଥାନା ଏକାଧିକ ଗ୍ରାମରେ ଥିବା ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ବଡ଼ଭୂଇଁ ପଞ୍ଚାୟତର ଜନ୍ତାରିଆ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ବିଳମ୍ବିତ ରାତିରେ ବିଦ୍ୟାଳୟ ତାଲା ଭାଙ୍ଗି ଏକ କ୍ୱିଣ୍ଟାଲ ଚାଉଳ ଚୋରି ହୋଇଛି। ସେହିପରି ନିଜିଗଡ ନୂଆସାହିସ୍ଥିତ ଅଙ୍ଗନବାଡି କେନ୍ଦ୍ରର ଶନିବାର ତାଲା ଭାଙ୍ଗି ଘର ଭିତରେ ଗ୍ୟାସ ସିଲିଣ୍ଡର ଗୋଟିଏ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

## ହାତୀ ଆକ୍ରମଣରେ ବାଳକ ଗୁରୁତର



ଟାଙ୍ଗୀ,୧୪।୧୨(ସମିସ): କଟକ ଜିଲ୍ଲା ଟାଙ୍ଗୀ ଥାନା କହ୍ନେଇପୁର ପଞ୍ଚାୟତ ବଡପୋଖରୀ ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ଜଣେ ବାଳକ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଗୁରୁତର ହୋଇଥିବା ରାଜୁ ଗୁଇଆ(୮) ତାଙ୍କ ବାପା ରାମ ଗୁଇଆଙ୍କ ସହ ବିଲରେ ଟ୍ରାକ୍ଟରରେ ଧାନ ଲଦୁଥିବା ସମୟରେ ହାତୀ ଗୋଡ଼ାଇଥିଲା। ଫଳରେ ହାତୀ ଆକ୍ରମଣରେ ରାଜୁ ଗୁରୁତର ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜାଣିବାକୁ ମିଳିଛି। ବନ ବିଭାଗର ଅବହେଳା ପାଇଁ ଏଭଳି ଘଟଣା ଘଟିଛି ବୋଲି ଗ୍ରାମବାସୀ ଜଣାଇଛନ୍ତି।

## ଆମଣ-ଶାଶୋଳ ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଫୁଲନଖରା, ୧୪।୧୨(ସମିସ): କଟକ ସଦର ବ୍ଲକ ଆମଣ ପଞ୍ଚାୟତସ୍ଥିତ ୧୨୫ ବର୍ଷରେ ପଦାର୍ପଣ କରିଥିବା ଆମଣ-ଶାଶୋଳ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପନା କୁମାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୁବାଳା ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ମାନସୀ ପୃଷ୍ଟି, ସମିତିସଭ୍ୟ ରାଜକିଶୋର ପଟ୍ଟନାୟକ, ସିଆରସିସି ସନ୍ତୋଷ ନନ୍ଦ, ସମାଜସେବୀ ବିପ୍ରଚରଣ ଭୋଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାର୍ଥସାରଥୀ ସେନାପତି, ପୂର୍ବତନ ସରପଞ୍ଚ ପୁନାନନ୍ଦ ଭୋଇ ଓ ବାବାଜୀ ଚରଣ ଭୋଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡା ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଚଳିତ ବର୍ଷ କ୍ରୀଡ଼ା ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଯାଜ୍ଞସିନୀ ଭୋଇ ଓ କନିଷ୍ଠ ବିଭାଗରେ ବଦ୍ରିନାରାୟଣ ବେହେରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ଚଳିତବର୍ଷର ଶ୍ରେଷ୍ଠ ଆଦର୍ଶ ଛାତ୍ର ଭାବରେ ସୌଭାଗ୍ୟ ରଂଜନ ବାରିକ ମଧ ପୁରସ୍କୃତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ନିରଞ୍ଜନ ବେହେରା, ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ଜେନା, ମଧୁସ୍ମିତା ମଲ୍ଲିକ ଓ ରିକିନା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୀମା ସଖୀ ନିଯୁକ୍ତିପତ୍ର ବଣ୍ଟନ



ଟାଙ୍ଗୀ,୧୪।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ସାରଙ୍ଗା ଗ୍ରାମସ୍ଥ ମଦନମୋହନଜୀଉ ପାଠାଗାର ଓ ଯୁବ କ୍ଲବରେ ପ୍ରଧାନମନ୍ତ୍ରୀ ବୀମା ସଖୀ ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜୀବନ ବୀମା ନିଗମର ଶାଖା ପରିଚାଳକ ଦୀପ୍ତିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଜେପି ନେତା କୃତୀ ଦୀପା ସାହୁ, ହରିପ୍ରୀୟା ସ୍ୱାଇଁ ଓ ଭାଗ୍ୟଶ୍ରୀ ସାହୁଙ୍କ ସମେତ ଅନ୍ୟମାନଙ୍କୁ ବୀମା ସଖି ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବୀମା ମୁଖ୍ୟ ପରାମର୍ଶଦାତା ଶ୍ରୀକାନ୍ତ ମହାନ୍ତି, ବ୍ଲକ ଶିକ୍ଷକ ନେତା ସମରେନ୍ଦ୍ର ଷଡ଼ଙ୍ଗୀ, ସମାଜସେବୀ ମନୋଜ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ନିବେଦିତା ସାହୁ, ମାନସୀ ବେହେରା ଓ କବିତା ସାହୁଙ୍କ ସମେତ ଯୁବ ନେତୃମଣ୍ଡଳୀ ସହଯୋଗ କରିଥିଲେ।

## ୟୁଥ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ତିଗିରିଆ, ୧୪।୧୨(ସମିସ): ତିଗିରିଆ ବ୍ଲକ ନିଜିଗଡ଼ ପଞ୍ଚାୟତ ଗୋପୀନାଥପୁର ଶାସନ ୟୁଜିୟୁପି ବିଦ୍ୟାଳୟ ପରିସରରେ ଗୋପୀନାଥପୁର ଶାସନ ୟୁଥ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁଥ କ୍ଲବ୍ ସଭାପତି ସରୋଜ କୁମାର ରଣାଙ୍କ ପୌରୋହିତ୍ୟରେ ଓ ସମ୍ପାଦକ ସମାଜସେବୀ ଅରୁଣ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଅଜିତ ଧୀର, ସମାଜସେବୀ ଜଗବନ୍ଧୁ ତୁଙ୍ଗ ସାମନ୍ତ, ସରୋଜ କୁମାର ଦାଶ, ପ୍ରଦ୍ୟୁମ୍ନ ଦାଶ, ସତ୍ୟବ୍ରତ ଦାଶ, ବଜରଙ୍ଗୀ ଜିମ ପରିଚାଳକ ପ୍ରଶାନ୍ତ କୁମାର ବେହେରା, ଗୋପୀନାଥପୁର ଶାସନ ଗ୍ରାମର ସଭାପତି ସତ୍ୟସୁନ୍ଦର ମିଶ୍ର, ସାମ୍ବାଦିକ ଜାଫର ଖାଁ, ସମାଜସେବୀ ତ୍ରିବିକ୍ରମ ଦାଶ, ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଶିକ୍ଷାବିତ ନରେଶ କୁମାର ମହାପାତ୍ର, ରାଜକିଶୋର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ତିଗିରିଆ ବ୍ଲକର ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରା ଓ ଆଠଗଡ଼ ଅଞ୍ଚଳର ସୁନାମଧନ୍ୟ ନୃତ୍ୟଶିଳ୍ପୀ ରଘୁନାଥ ଦାସଙ୍କୁ ନିଜ ବୃତ୍ତିରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରରେ ମୋଟ ୨୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କଟକ ଏସସିବି ମେଡିକାଲର ରକ୍ତ ଭଣ୍ଡାରର ଡାକ୍ତର ଓ ସହଯୋଗୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।



## ଗ୍ରାମ୍ୟ ମୁରବୀଙ୍କ ସ୍ମୃତିଚାରଣ ସଭା



ଫୁଲନଖରା,୧୪।୧୨(ସମିସ): କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ତଥା ସମାଜସେବୀ ପରକ୍ଷୀତ ଦଳାଇଙ୍କ ଏକାଦଶାହ ଅବସରରେ ସହଯୋଗ-ଓଡ଼ିଶା ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦଳାଇ ନିଜର ଜୀବଦଶା ଭିତରେ ନିଜର ସଚ୍ଚୋଟତା, ନିର୍ଭିକତା ବଳରେ ଗ୍ରାମ-ଗ୍ରାମ ଓ ସାହି-ସାହି ଭିତରେ ଦେଖା ଦେଉଥିବା ବିଭିନ୍ନ ବିଶୃଙ୍ଖଳାକୁ ପଞ୍ଚାୟତ ମାଧ୍ୟମରେ ସମାଧାନ କରିବାରେ ଥିଲା ତାଙ୍କର ବଳିଷ୍ଠ ଭୂମିକା। ସେହି ପୂଣ୍ୟାତ୍ମାଙ୍କ ଏକାଦଶାହ ଅବସରରେ କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ଦଳାଇଙ୍କ ସ୍ମୃତିଚାରଣ କରିଥିଲେ। ସହଯୋଗ-ଓଡ଼ିଶାର ପ୍ରତିଷ୍ଠାତା ସଭାପତି ଗଣେଶ ପ୍ରସାଦ ଦାସ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକ, ଶିକ୍ଷାବିତ୍ ଶରତ ରଥ, ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, କଟକ ସଦର ପ୍ରେସ୍ କ୍ଲବର ସଭାପତି ସୁରେନ୍ଦ୍ର ମହାପାତ୍ର, ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ସମାଜସେବୀ କେଦାରନାଥ ଜେନା, ସଂସ୍କୃତି ରକ୍ଷକ ନବ କିଶୋର ଦଳାଇ, ଆଇନ୍‌ଜୀବୀ ଛବି ବେହେରା, ଆରାଧ୍ୟା କଲ୍‌ଚରାଲ ଏକାଡେମୀ ଅଧ୍ୟକ୍ଷ ଅଜୟ ପାତ୍ର, ପ୍ରତାପନଗରୀ ଗ୍ରାମ୍ୟ କମିଟି ସଂପାଦକ ପ୍ରମୋଦ ବେହେରା, ରାମନଗର ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ନାୟକ ଓ ବିଚିତ୍ରାନନ୍ଦ ଦଳାଇଙ୍କ ସମେତ ବହୁ ବାଗ୍ମୀ, ସାହିତ୍ୟିକ, ସାମ୍ବାଦିକ ଓ ରାଜନୈତିକ ନେତୃବୃନ୍ଦ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପ୍ରଶାନ୍ତ ଦଳାଇ, ସୁଶାନ୍ତ ଦଳାଇ, ହେମନ୍ତ ଦଳାଇ ଓ ରାଜେଶ ଦଳାଇଙ୍କ ସମେତ ପରିବାରବର୍ଗ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବଢ଼େଇସାହି ନିକଟରୁ ଶବ ଉଦ୍ଧାର

ଫୁଲନଖରା, ୧୪।୧୨ (ସମିସ): କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ବଢ଼େଇସାହି କୋଠଯୋଡ଼ି ନଦୀକୂଳରେ ଥିବା ଏକ ଜଙ୍ଗଲିଆ ସ୍ଥାନର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଅଚିହ୍ନା ବ୍ୟକ୍ତିର ପଚା ଶବକୁ ସଦର ପୁଲିସ୍ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣା ପଡ଼ି ନଥିବା ବେଳେ ସେ ଗୋଟେ ହାପ୍ ପ୍ୟାଣ୍ଟ ସାର୍ଟ ଓ ଗୋଟିଏ ଗାମୁଛା ତା ଦେହରେ ଥିବା ଜଣାପଡିଛି। ହାତରେ ଗୋଟିଏ ଘଣ୍ଟା ପିନ୍ଧିଥିବା ବେଳେ ତାଙ୍କର ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତ ବ୍ୟକ୍ତି ଜଣକ ନିଜେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟାକରି ଏଠାରେ ଟାଙ୍ଗି ଦେଇଛି ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ଘଟଣାର ତଦନ୍ତ ଚାଲୁରହିଛି ବୋଲି ଆଇଆଇସି ତୁଷାରକାନ୍ତ ସେଠୀ ସୂଚନା ପ୍ରଦାନ କରିଛନ୍ତି।

## ଅଭିଷେକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ

କଣ୍ଟାପଡା,୧୪।୧୨(ସମିସ): ଇଂ ଅଭିଷେକ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ବଳ ବଣ୍ଟନ କରାଯାଉଥିବା ବେଳେ କଣ୍ଟାପଡା ନିକଟସ୍ଥ ଆଣ୍ଡୁଆରୀ ଗ୍ରାମସ୍ଥିତ ଗୋପୀନାଥ ମନ୍ଦିର ପରିସରରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତାପରୁଦ୍ରପୁର ଗ୍ରାମପଞ୍ଚାୟତର ୧୧ଟି ୱାର୍ଡର ବେତେଣ୍ଡା, ନୂଆସାହି, କୁଳସାହି ଓ ଆଣ୍ଡୁଆରୀ ଗ୍ରାମର ପ୍ରାୟ ୧୦୦ ଜଣଙ୍କୁ ଶୀତ ପ୍ରକୋପରୁ ରକ୍ଷା ନିମନ୍ତେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ରଞ୍ଜନ ଲେଙ୍କା ଓ ଅତିରିକ୍ତ ଆରକ୍ଷୀ ଅଧିକାରୀ ଆଲୋକ ଦାସ, ଶିକ୍ଷାବିତ୍ ଜୟନ୍ତ ଦାସ, ଦିଲ୍ଲୀପ ଦାସ, ଟ୍ରଷ୍ଟର ସଦସ୍ୟ କାନନ ବିହାରୀ ନାୟକ, ସାମ୍ବାଦିକ ଆଦିତ୍ୟ ଛୋଟରାୟ ପ୍ରମୁଖ କମ୍ବଳ ବଣ୍ଟନ କରିଥିଲେ। ରବି ନାରାୟଣ ଦାସ ଓ ରାମଚନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଟ୍ରଷ୍ଟ ପକ୍ଷରୁ କେବଳ କମ୍ବଳ ବଣ୍ଟନ ନୁହେଁ ପ୍ରତ୍ୟେକ ବର୍ଷ ମେଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପରଠାରୁ ଆରମ୍ଭ କରି ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ ନ ହେବା ପାଇଁ ଆର୍ଥିକ ସାହାଯ୍ୟ, ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ୍ ଓ ଅସହାୟଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ମଧ୍ୟ କରାଯାଇଥାଏ। ରାଜ୍ୟର ଅନେକ ବୃଦ୍ଧାଶ୍ରମ ଠାରୁ ଆରମ୍ଭ କରି କୁଷ୍ଠାଶ୍ରମ ପର୍ଯ୍ୟନ୍ତ ଟ୍ରଷ୍ଟ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଥାଏ ବୋଲି ଟଷ୍ଟ ଅଧ୍ୟକ୍ଷ ବିଜନ ପାଲ୍ ପ୍ରକାଶ କରିଥିଲେ।

### କଟକ ସଦର-ବାରଙ୍ଗ ବ୍ଲକ ଠିକାଦାର ସଂଘର ଅଧିବେଶନ

## ପ୍ରମୋଦ ସଭାପତି ଓ ସମରେନ୍ଦ୍ର ସଂପାଦକ




ଫୁଲନଖରା,୧୪।୧୨(ସମିସ): କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠସ୍ଥଳୀରେ କଟକ ସଦର ନିର୍ବାଚନ ମଣ୍ଡଳୀ ଓ ବାରଙ୍ଗ ବ୍ଲକ ଅନ୍ତର୍ଗତ ଠିକାଦାରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଶତାଧିକ ଠିକାଦାର ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସମସ୍ତ ଠିକାଦାର ସଂଗଠିତ ଭାବରେ କାର୍ଯ୍ୟ କରିବା ସହିତ କୌଣସି ଠିକାଦାର ଲେସ୍‌ରେ ଟେଣ୍ଡର ପକାଇବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ଠିକାଦାର ସରକାରୀ ଧାର୍ଯ୍ୟ ମୂଲ୍ୟରେ ଟେଣ୍ଡର ପକାଇବା ଓ ଅନୁସୂଚିତ ଜାତି, ଉପଜାତି ୧୦ଶତକଡା ବର୍ଦ୍ଧିତ ମୂଲ୍ୟରେ ଟେଣ୍ଡର ପକାଇବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଗଲା। ସଂଘର ନିଷ୍ପତ୍ତିକୁ ସମସ୍ତ ଠିକାଦାର ମାନିବାକୁ ବାଧ୍ୟ ଯଦି ଏହାର କୌଣସି ବ୍ୟତିକ୍ରମ ଦେଖାଦିଏ ତେବେ ସଂଘ ପକ୍ଷରୁ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟେଣ୍ଡର ପକାଇବା ପୂର୍ବରୁ ନିଜ ଭିତରେ ମତ ବିନିମୟ କରି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ। ସର୍ବସମ୍ମତିକ୍ରମେ ସଂଘର କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ଉକ୍ତ ସଂଘର ସଭାପତି ଦାୟିତ୍ୱ ପ୍ରମୋଦ ବେହେରାଙ୍କୁ ନ୍ୟସ୍ତ କରାଯାଇଥିବା ବେଳେ ସାଧାରଣ ସଂପାଦକ ଦାୟିତ୍ୱ ସମରେନ୍ଦ୍ର ହାତିଙ୍କୁ ଦିଆଯାଇଥିଲା। ଅଶୋକ ରାଉତ କାର୍ଯ୍ୟକାରୀ ସଭାପତି, ପ୍ରଶାନ୍ତ ମାଝି ସହସଂପାଦକ, ବାଇଧର ସାହୁ ଓ ପ୍ରଶାନ୍ତ ମହାନ୍ତିଙ୍କୁ ଉପ ସଭାପତି ଏବଂ ବିକ୍ରମ ଶତପଥୀ ଓ ଶ୍ରୀକାନ୍ତ ସାହୁଙ୍କୁ କୋଷାଧ୍ୟକ୍ଷ ଓ ସହ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଥିଲା।

## ଲାଲବାହାଦୁର ବିଦ୍ୟାପୀଠରେ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ

ନେମାଳ,୧୪।୧୨(ସମିସ): ନିଶ୍ଚିନ୍ତକୋଇଲି ଶିକ୍ଷା ଜିଲ୍ଲା ଅଧିନସ୍ଥ ସାନ୍ତପୁର ପଞ୍ଚାୟତ ଲାଲାବାହାଦୂର ବିଦ୍ୟାପୀଠରେ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଓଷ୍ଟା ସଭାପତି ପ୍ରଶାନ୍ତକୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନେମାଳ ଥାନା ଆଇଆଇସି ସୁଶୀଲ କୁମାର ନାୟକ, ଜିଲ୍ଲା ଓଷ୍ଟା ସଭାପତି କଳିଙ୍ଗକେଶରୀ ପ୍ରଧାନ, ସଂପାଦକ ବିଜୟ କୁମାର ଛତ୍ର, ସରପଞ୍ଚ ତଥା ଆଇନଜୀବୀ ରମାକାନ୍ତ ନାୟକ, ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ କଟକ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ମନୋରଂଜନ ବାରିକ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ଓଷ୍ଟା ସଂପାଦକ ରଂଜନ କୁମାର ଦାସ, ଅଶୋକ ମହାପାତ୍ର, ଲକ୍ଷ୍ମୀ ନାରାୟଣ ବରାଳ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ମହେନ୍ଦ୍ର ଘଡେଇ, ରାମଚନ୍ଦ୍ର ରାଉତ, ନିତ୍ୟାନନ୍ଦ ନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ସଂକୁଳସ୍ତରୀୟ ଖେଳକୁଦ ସମାରୋହ ଉଦ୍‌ଯାପିତ



ଟାଙ୍ଗୀ,୧୪।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚୌଦ୍ୱାର ପକ୍ଷରୁ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟାଙ୍ଗୀ ସହଯୋଗରେ ସଂକୁଳସ୍ତରୀୟ ଖେଳକୁଦ ସମାରୋହ ରବିବାର ଉଦଯାପିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ମା' ସୁବର୍ଣ୍ଣବରାହୀଙ୍କ ମନ୍ଦିର ପ୍ରାଙ୍ଗଣ ତଥା ଟାଙ୍ଗୀ ବିଦ୍ୟାପୀଠ ଖେଳପଡିଆରେ ଆୟୋଜିତ ଉକ୍ତ ସମାରୋହରେ ୧୧ଟି ଶିଶୁ ବିଦ୍ୟା ମନ୍ଦିରର ୨୨୯ ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ବିଜେପି ନେତା ହିମାଂଶୁ କୁମାର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସ୍ୱାଧୀନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉଦଘାଟନୀ ଉତ୍ସବରେ ଟେଟ୍ରାହେଡ୍ରନ୍?ର ଅଧ୍ୟକ୍ଷ ଶ୍ରୀ ବେହେରା, ସମାଜସେବୀ ହିମାଂଶୁ ମହାନ୍ତି, ସିଦ୍ଧଗିରୀ ଆଶ୍ରମର ବାବାଜୀ ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ବିଜୟ କୁମାର ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅରକ୍ଷିତ ସ୍ୱାଇଁ ଅତିଥି ପରିଚୟ କରିଥିବାବେଳେ ସଂକୁଳ ମୁଖ୍ୟ ବଂଶୀଧର କାଣ୍ଡି ଅଧ୍ୟକ୍ଷତା କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ଭାଗ୍ୟଧର ସେଠୀ, ରଞ୍ଜିତ ଲେଙ୍କା, ପ୍ରତାପ ଚନ୍ଦ୍ର ବାରିକ, ନିରଞ୍ଜନ ମାଝୀ, ସୁବାଷ ରାଉଳ, ସାରଦା ପ୍ରସନ୍ନ ମହାନ୍ତି, ବିଜୟ ପାଣି, ମଧୁମିତା ସାହୁ ଓ ବୈରାଗୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ତଦାନ ଶିବିର



ଫୁଲନଖରା,୧୪।୧୨(ସମିସ): ଫୁଲନଖରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ବର୍ଷ ପୂର୍ତ୍ତି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରରେ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ କମିଟିର ଅଧ୍ୟକ୍ଷ ସ୍ୱାଧୀନଚେତା ମହାନ୍ତି, ପାହାଳ ଥାନା ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ମୁଦୁଲି, ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର, ବିଦ୍ୟାଳୟର ସଂପାଦକ ନରେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ତ୍ରିଲୋଚନା ବେହେରା, ଓଁକାର ଅଂଶୁମାନ ପରିଜା, ପ୍ରିୟାଂଶୁ ବେହେରାଙ୍କ ସମେତ ଲକ୍ଷ୍ମୀଧର ସାହୁ, ସଞ୍ଜୟ କୁମାର ଦାସ ଓ ଲୋନୀ ମହାନ୍ତି ପ୍ରମୁଖ ଅଭିଭାବିକା-ଅଭିଭାବକ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାରର ଡ ରଘୁନାଥ ବେଉରାଙ୍କ ତତ୍ତ୍ୱାବଧାନରେ ସୌମ୍ୟ ରଂଜନ ସାହୁ, ପ୍ରସନ୍ନ କୁମାର ସ୍ୱାଇଁ, ରାମପ୍ରସାଦ ରାୟ ଓ ପ୍ରକାଶ ମଲ୍ଲିକ ପ୍ରମୁଖ ସହଯୋଗରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ, ପ୍ରଧାନଆଚାର୍ଯ୍ୟା ସାଗରିକା ବିଶ୍ୱାଳ, କବିତା ସ୍ୱାଇଁ, ଗୁରୁଜୀ ପତିତପାବନ ମଲ୍ଲିକ, ଗୁରୁମା ମମତା ପରିଜା, ରୁନି ମହାରଣା, ସୁଦାମିନୀ ନନ୍ଦ, ମାମାଲି ଦାସ, ଗୀତାଞ୍ଜଳି ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି, ଗିରିଜାବାଳା ମହାନ୍ତି, ମମତା ନନ୍ଦ, ବିଜୟିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜବରଦଖଲରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଜମି

## ବେଆଇନ ଭାବେ ବସବାସ କରୁଛନ୍ତି ୧୦ ପରିବାର

**ନିଶ୍ଚିନ୍ତକୋଇଲି,୧୪।୧୨(ସମିସ):** ବ୍ରିଟିଶ ଅମଳରେ ନିର୍ମାଣ କରାଯାଇଥିବା ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ବହୁ ଜମି ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି। ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ଏହି କାର୍ଯ୍ୟାଳୟ ପରିସରରେ ୧୦ ପରିବାର ଗୃହ ନିର୍ମାଣ କରି ରହିଥିବା ବେଳେ ବହୁ ଦୋକାନ ଘର କରାଯାଇ ବ୍ୟବସାୟ କରାଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେଲା ଉକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା। ଏହାକୁ ନୂତନ




ଭାବେ ନିର୍ମାଣ କରାଯିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଥିଲା ବେଳେ ଗତ ଅକ୍ଟୋବର ୧୭ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ଚୟନ କରାଯାଇ ଏହି ନିର୍ମାଣ କାର୍ଯ୍ୟ କରାଯାଉଛି।

ଅନ୍ୟପଟରେ ପୂର୍ବରୁ ରହିଥିବା କାର୍ଯ୍ୟାଳୟଟି ଭଙ୍ଗାଯାଇ ସେହି ସ୍ଥାନରେ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କାର୍ଯ୍ୟାଳୟର ୫.୬୦ ଡିସିମିଲ୍ ନିଜସ୍ୱ ଜମି ରହିଥିବା ବେଳେ ଏହାର ପରିସରରେ ଏକ ପୋଖରୀ ଏବଂ ପାନୀୟ ଜଳଯୋଗାଣ ପାଇଁ ଏକ ପାଣିଟାଙ୍କି ମଧ୍ୟ ରହିଛି। ଯେତିକି ସ୍ଥାନରେ କାର୍ଯ୍ୟାଳୟ ନିର୍ମାଣ ହେଉଛି ତାହା ପର୍ଯ୍ୟାପ୍ତ ହେଉ ନଥିବାରୁ ଏହା ପରିସରରୁ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଦାବି କରିଛନ୍ତି। ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯାଇ ଖାଲି ଜାଗାରେ କାର୍ଯ୍ୟାଳୟ ନିର୍ମାଣ କଲେ ସମସ୍ତେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। ଉକ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବା ପାଇଁ ଦାବି ହେଉଛି। ପୂର୍ବରୁ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିଲେ ମଧ୍ୟ ଜବରଦଖଲକାରୀମାନେ ଏହାକୁ ଭ୍ରୂକ୍ଷେପ କରୁନଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ତହସିଲଦାର ଦମୟନ୍ତୀ ସାହୁ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନେଇ ନଥିବା ପ୍ରକାଶ କରିଛନ୍ତି।

# ଆକ୍ରମଣରେ ମାଆ-ପୁଅ ଗୁରୁତର





**ନିଶ୍ଚିନ୍ତକୋଇଲି,୧୪।୧୨(ସମିସ):** ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ ଦିକ୍ଷୀତପଡା ଗ୍ରାମରେ ଜମି ବାଡି ସଂକ୍ରାନ୍ତ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏକ ଆକ୍ରମଣ ଘଟଣାରେ ମାଆ ଓ ପୁଅ ଆହତ ହୋଇଛନ୍ତି। ସଂପୃକ୍ତ ମାଆ ପୁଅଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହାଦ୍ୱାରା ଉକ୍ତ ଘଟଣା ତୀବ୍ର ରୂପ ନେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅଭିଯୋଗ ଅନୁଯାୟୀ, ଗତ ଶନିବାର ଥାନାରେ ଉକ୍ତ ଗ୍ରାମର ସୁବାସଚନ୍ଦ୍ର ବେଜ୍, ମଣ୍ଟୁ ବେଜ୍ ଏବଂ ମନୋରଂଜନ ବାରିକ, ଅନୀଲ ବାରିକଙ୍କ ମଧ୍ୟରେ ଏକ ଜମିବାଡ଼ି ସଂକ୍ରାନ୍ତ ଗଣ୍ଡଗୋଳର ସମାଧାନ କରାଯାଇଥିଲା। ଉଭୟ ପରିବାର ଘରକୁ ଆସିବା ପରେ ରାତ୍ରି ପ୍ରାୟ ୧୧ଟାରେ ସୁବାସଚନ୍ଦ୍ର ବେଜ୍ ଓ ମଣ୍ଟୁ ବେଜ୍ ଅନ୍ୟ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ସୁବାସ ଓ ମଣ୍ଟୁ ମନୋରଂଜନଙ୍କ ପତ୍ନୀ ସଂଯୁକ୍ତା ଓ ପୁତ୍ର ଅନୀଲଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ କରିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ବିହାରର ବିଦ୍ୟାଳୟରେ ନାମ ଥିବାରୁ ୮ ଛାତ୍ରଙ୍କୁ ଟିସି

**ନିଶ୍ଚିନ୍ତକୋଇଲି, ୧୪।୧୨ (ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବାହାବଳପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରୁ ୮ ଜଣ ବିଦ୍ୟାର୍ଥୀଙ୍କୁ ଏକକାଳୀନ ଟିସି ଦିଆଯାଇଛି। ଏହି ୮ ଜଣ ବିଦ୍ୟାର୍ଥୀମାନେ ସେମାନଙ୍କ ଉପଯୁକ୍ତ ରେକର୍ଡପତ୍ର ଦେଇ ବିଦ୍ୟାଳୟରେ ନାମ ଲେଖାଇଥିଲେ ମଧ୍ୟ ଅନ୍ ଲାଇନରେ ବିହାରର ଏକ ବିଦ୍ୟାଳୟରେ ସେମାନଙ୍କ ନାମ ଥିବା ଦେଖାଯାଇଥିଲା। ଫଳରେ ୟୁଡାଇସ୍‌ରେ ସେମାନଙ୍କ ନାମ ଅପ୍‌ଲୋଡ୍ ହୋଇ ପାରି ନଥିଲା। ନିୟମାନୁଯାୟୀ, ଯେ କୌଣସି ବିଦ୍ୟାର୍ଥୀମାନେ ଦେଶର ଯେ କୌଣସି ଗୋଟିଏ ବିଦ୍ୟାଳୟରେ ନାମ ଲେଖାଇବା କଥା; ହେଲେ ଏହି ୮ ଜଣ ବିଦ୍ୟାର୍ଥୀଙ୍କ ନାମ ଅନ୍ୟ ରାଜ୍ୟର ବିଦ୍ୟାଳୟରେ ଥିବାରୁ ସେମାନଙ୍କୁ ପ୍ରଧାନଶିକ୍ଷକ ଟିସି ଦେବାକୁ ବାଧ୍ୟ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ, ବିହାରରୁ କେତେକ ଲୋକେ ଆସି ପରିବାର ସହ ବାହାବଳପୁର ଗ୍ରାମରେ ରହି ସେମାନଙ୍କ ପେଟ ପୋଷିବା ପାଇଁ କାମଧନ୍ଦା କରୁଥିଲେ। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟକୁ ସର୍ଭେ କରି ସ୍ଥାନୀୟ ଅଞ୍ଚଳରେ ରହୁଥିବା ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇବା ପାଇଁ କଡା ନିର୍ଦ୍ଦେଶ ଥିବା ବେଳେ ଏହି ବିଦ୍ୟାଳୟର ଶିକ୍ଷକମାନେ ସର୍ଭେ କରିବା ସମୟରେ ଗାଁରେ ବୁଲୁଥିବା ଏମ୍‌ଡି ଅବଦୁଲ, ସୁଫିଆନା ଖାନ୍, ଅବୁ ନସର, ଆକିଲ ରଜା, ଅବଦୁଲ ବାସିଦ୍, ଏମ୍‌ଡି ସାଦାବ,ଏମଡି ଇବତେଖାର, ଅକଲି ଇଜା ପିଲାମାନେ ଗାଁରେ ବୁଲୁଥିବାର ଦେଖି ସେମାନଙ୍କ ପିତାମାତାଙ୍କ ସହିତ ଯୋଗାଯୋଗ କରାଯାଇ ନାମ ଲେଖାଯାଇଥିଲା। ନାମ ଲେଖା ପରେ ସେମାନଙ୍କୁ ୟୁଡାଇସ୍‌ରେ ସାମିଲ କରିବା ସମୟରେ ଅନ୍‌ଲାଇନ୍‌ରେ ସେମାନଙ୍କ ନାମ ଅନ୍ୟ ବିଦ୍ୟାଳୟରେ ଥିବା ଜଣାଯାଇଥିଲା। ଏ ସଂକ୍ରାନ୍ତରେ ଜଣାପଡିବା ପରେ ପିଟିଏ ଏବଂ ସ୍କୁଲ ପରିଚାଳନା କମିଟିକୁ ଅବଗତ କରାଯାଇ ସେମାନଙ୍କୁ ଟିସି ଦିଆଯାଇଥିବା ଜଣାଯାଇଛି।

## ୨ ୱାରେଣ୍ଟି ଗିରଫ

**ସାଲେପୁର,୧୪।୧୨(ସମିସ):** ସାଲେପୁର ପୁଲିସ ୱାରେଣ୍ଟି ବଳରେ ୨ ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ୨ଟି ପୃଥକ୍ ପୃଥକ୍ ୱାରେଣ୍ଟି ବଳରେ ସାଲେପୁର ପୁଲିସ ଆଜି ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନୀପୁର ପାଟପୁର ଗ୍ରାମର କୀର୍ତ୍ତିଚନ୍ଦ୍ର ଦାସ ଓ ରସୁଲପୁର ଅବଦ୍ଧୁଲ ୱାହିଦ ବାବୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

### ରଘୁନାଥ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ବୈଠକ

## ବିରୂପା ନଦୀ ପୁନରୁଦ୍ଧାର ଦାବି



**ମାହାଙ୍ଗା, ୧୪।୧୨(ସମିସ):** ମାହାଙ୍ଗା ବ୍ଲକ ରଘୁନାଥ ବିଦ୍ୟାପୀଠ କୋଠପଦା ୧୯୭୭ ବ୍ୟାଚର ବିଦ୍ୟାର୍ଥୀଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରୂପା ବିରୂପା ନଦୀ ଦିନକୁ ଦିନ ପୋତି ହୋଇପଡିବାରୁ ଏହି ବୈଠକରେ ଉଦବେଗ ପ୍ରକାଶ ପାଇଛି। ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ବିରୂପା ନଦୀର ପୁନରୁଦ୍ଧାର ଦାବି ସହ ଛତିଆ-ସାଲେପୁର ପୂର୍ତ୍ତ ରାସ୍ତା ସମ୍ପ୍ରସାରଣ ବେଳେ, ପ୍ରଶାସନ ପକ୍ଷରୁ ବ୍ୟାପକ ଗଛକାଟ ଘଟଣାକୁ ନିନ୍ଦା କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ପାଇଁ ଗୁରୁତ୍ୱ ଦେବାକୁ ପୁରାତନ ଛାତ୍ର ସଂଘ ଦାବି କରିଛି। ଏହି ବନ୍ଧୁମିଳନ ଉତ୍ସବରେ ମହେନ୍ଦ୍ର କୁମାର ମହାନ୍ତି, ହେମନ୍ତ କୁମାର ରାଉତ, ଅକ୍ଷୟ କୁମାର ପାଣି, ଡାକ୍ତର ସମିତା ମହାନ୍ତି, କାର୍ତ୍ତିକ ମହାନ୍ତି, ରେଣୁବାଳା ଦାଶ, ପଦ୍ମିନୀ ପାଣି, ଜୟଦେବ ମହାନ୍ତି, ପରମାନନ୍ଦ ମହାନ୍ତି, ସୁଧୀର କୁମାର ମହାନ୍ତି, ବ୍ରଜବନ୍ଧୁ ପଲେଇ ପ୍ରମୁଖ ବହୁ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ପି.ପି. କଲେଜରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

## ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ପାଇଁ ଆଲୋଚନା



**ନିଶ୍ଚିନ୍ତକୋଇଲି,୧୪।୧୨(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ସଭାଗୃହରେ ଅଭିଭାବକ ଓ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ତରୁଲତା ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜିକା ଅଧ୍ୟାପିକା ଡ.ଦେବଯାନୀ ସିହ୍ନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ସଂଚାଳନ କରିଥିଲା ବେଳେ ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ରଶ୍ମିରଂଜନ ପଟ୍ଟନାୟକ, ଅଧ୍ୟାପକ ନୀଳକଣ୍ଠ ସାହୁ, ଅଧ୍ୟାପକ ଅମରିଶ ସ୍ୱାଇଁ, ରାଜେଶ କୁମାର ପଣ୍ଡା, ସ୍ୱର୍ଣ୍ଣପ୍ରଭା ସାମଲ, ଦୀପକ କୁମାର ଦ୍ୱିବେଦୀ, ଅଧ୍ୟାପିକା ସୁମିତ୍ରା ସାହୁ, ଡ. ପଦ୍ମପ୍ରଭା ସ୍ୱାଇଁ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରିତିଶ୍ରୀ ଦାସ, ମଧୁସ୍ମିତା ପାଲ, ଡ. ପ୍ରସନ୍ନ କୁମାର ଦାସ ଅଂଶଗ୍ରହଣ କରିଥିଲେ। ଶୈକ୍ଷିକ ଅଧିକାରୀ ଡ. ପ୍ରସାନ୍ତ କୁମାର ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଚନ ସ୍ମାରକୀ ଫୁଟ୍‌ବଲ: ମାହାଙ୍ଗା ବିଜୟୀ




**ମାହାଙ୍ଗା,୧୪।୧୨(ସମିସ):** ମାହାଙ୍ଗା ଆଥଲେଟିକ ଆସୋସିଏସନ, କଟକ ଫୁଟବଲ ଆସୋସିଏସନ ଓ ରୁରାଲ ଆଥଲେଟିକ ଆସୋସିଏସନ କୋଠପଦାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋଠପଦା ମିନି ଷ୍ଟାଡିୟମଠାରେ ଉଦଘାଟିତ ହୋଇଯାଇଛି। ବିଧାୟକ ଶାରଦା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଫୁଟବଲ ସଂଘର ସମ୍ପାଦକ ବିରେନ ବେହେରା, କ୍ରୀଡ଼ା ପ୍ରଶିକ୍ଷକ ତଥା କ୍ରୀଡ଼ାବିତ ସହଦେବ ରାଉତ, ମାହାଙ୍ଗା କ୍ରୀଡା ସଂସଦର ସଭାପତି ସୁଟୁ ଘୋଷ, ସମ୍ପାଦକ ସମରେନ୍ଦ୍ର ଜେନା, ଆଇନଜୀବୀ ଶରତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନ ମ୍ୟାଚ ମାହାଙ୍ଗା ଫୁଟବଲ ଟିମ ଏବଂ କଟକ ରାଇଜିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାହାଙ୍ଗା ଫୁଟବଲ ଟିମ ୧-୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲା।

# ୧୯୭୪ ମାଟ୍ରିକ୍ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

**ନିଶ୍ଚିନ୍ତକୋଇଲି,୧୪।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହି ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୪ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଛାତ୍ର ଡ. ଯଶୋବନ୍ତ ବେହେରା ଓ ଦେବେନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଜୀବନର ବହୁ ସ୍ମୃତି ଅନୁଭୂତିକୁ ବଖାଣିଥିଲେ। ଏହାଛଡା ବିଦ୍ୟାଳୟର ପ୍ରଗତି କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷକ ରଙ୍ଗାଧର ବେହେରାଙ୍କୁ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ।




# ଶିଶୁ ବିଦ୍ୟାମନ୍ଦିରରେ ସପ୍ତସତୀ ସଂଗମ କାର୍ଯ୍ୟକ୍ରମ



**ସାଲେପୁର,୧୪।୧୨(ସମିସ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଂଗମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଅଳକା ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତ୍ୟଭାମାପୁରସ୍ଥିତ କସ୍ତୁରବା ଟ୍ରଷ୍ଟର ମୁଖ୍ୟ ପରିଚାଳିକା ସନ୍ଧ୍ୟାରାଣୀ ମଲ୍ଲିକ, ପଞ୍ଚାୟତ ପ୍ରହଲ୍ଲାଦ କଲେଜର ଅଧ୍ୟକ୍ଷା ତଥା ଶିକ୍ଷାବିକାଶ ସମିତି ଯୋଜନାର କ୍ରିୟାଶୋଧନ ମୁଖ୍ୟ ସଂଯୋଜିକା ଡ ତରୁଲତା ଦେବୀ କୁଟୁମ୍ବ ପ୍ରବନ୍ଧନ ଓ ପର୍ଯ୍ୟାବରଣ ଉପରେ ବକ୍ତବ୍ୟ ଦେଇଥିଲେ। ଆଚାର୍ଯ୍ୟା ତନୁଜା ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଅନ୍ନପୂର୍ଣ୍ଣା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ୭୫ଜଣ ମାତୃମଣ୍ଡଳୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ଦିପ୍ତିମୟୀ ରାଉତ ମା'ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟା ପୁଷ୍ପଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା କମଳା କୁମାରୀ ସ୍ୱାଇଁ ମା'ମାନଙ୍କୁ ସଂକଳ୍ପ ପାଠ କରାଇଥିଲେ।

# ପଣ୍ଡିତ ଅବନ୍ତୀନାଥ ଶତପଥୀ ସ୍ମୃତିସମ୍ମାନ ସମାରୋହ



**ସାଲେପୁର,୧୪।୧୨(ସମିସ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ କଥାବାଚକ ପ୍ରବଚକ ପଣ୍ଡିତ ଅବନ୍ତୀନାଥ ଶତପଥୀଙ୍କ ଏକାଦଶ ବାର୍ଷିକ ଶ୍ରାଦ୍ଧ ଦିବସ ଓ ପଣ୍ଡିତ ଅବନ୍ତୀନାଥ ସ୍ମୃତି ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଡଃ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିରଞ୍ଚିନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ କଟକ ଜିଲ୍ଲାରେ ଶିକ୍ଷାକ୍ଷେତ୍ରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଲେପୁର, ସମାଜସେବା କ୍ଷେତ୍ରରେ ସଖା ସେବା ଟ୍ରଷ୍ଟ, ମଙ୍ଗରାଜପୁର, ସାମ୍ବାଦିକତା କ୍ଷେତ୍ରରେ ସାପ୍ତାହୀକ ରାଷ୍ଟ୍ରଦୀପ, ଆଧ୍ୟାତ୍ମିକ କ୍ଷେତ୍ରରେ ଧର୍ମଜାଗରଣ ସମିତି ତେଲେଙ୍ଗା ପେଣ୍ଠ, କଟକକୁ ମାନପତ୍ର ଦେଇ ପଣ୍ଡିତ ଅବନ୍ତୀନାଥ ସ୍ମୃତି ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ନିକଟସ୍ଥ ୮ଟି ବିଦ୍ୟାଳୟର ମାତୃଭାଷା ଓଡ଼ିଆ ଓ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ସଂସଦର ଆବାହକ ଚିନ୍ମୟ ରଂଜନ ଶତପଥୀଙ୍କର ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ ଗୌତମ ମହାରଣା, ଡ ଚିତ୍ତରଂଜନ ପଣ୍ଡା, ପଣ୍ଡିତ ସଂଜୟ କୁମାର ଷଡ଼ଙ୍ଗୀ, ଡ କୁନ୍ମୟ ରଂଜନ ଶତପଥୀ, ଶିକ୍ଷକ ଦେବେନ୍ଦ୍ର ନାଥ ନାୟକ, ସାଲେପୁର ଶିଶୁବିଦ୍ୟାମନ୍ଦିରର ପ୍ରଶାସକ ରମାକାନ୍ତ ନାୟକ, ଡଃ ତରୁଲତା ଦେବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ଟିପିସିଓଡିଏଲ୍‌ର ଅତିରିକ୍ତ ସିକ୍ୟୁରିଟି ଆଦାୟ ନୋଟିସ

## ଉପଭୋକ୍ତାଙ୍କ ଅସନ୍ତୋଷ; ୧୮ ରେ ସବ୍‌ଡିଭିଜନ କାର୍ଯ୍ୟାଳୟ ଘେରାଉ

**ସାଲେପୁର,୧୪।୧୨(ସମିସ):** ଟିପିସିଓଡିଏଲ୍ ପକ୍ଷରୁ କିଛି ଦିନ ହେବ ସମସ୍ତ ଉପଭୋକ୍ତାମାନଙ୍କ ମୋବାଇଲ୍‌କୁ ଆଡିସନାଲ ସିକ୍ୟୁରିଟି ଦେୟ ଦେବାକୁ ମେସେଜ୍ ଆସିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୧୮ ତାରିଖ ଗୁରୁବାର ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟକୁ ଉପଭୋକ୍ତା ସଂଘ ପକ୍ଷରୁ ଘେରାଉ କରାଯାଇ ବିକ୍ଷୋଭ କରାଯିବା ପାଇଁ ସ୍ଥିର କରାଯାଇଛି। ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ନନ୍ଦକିଶୋର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ



ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ସମସ୍ତ ବିଦ୍ୟୁତ୍ ସେକ୍ସନ୍, ମାହାଙ୍ଗା ବ୍ଲକ୍‌ର ସମସ୍ତ ବିଦ୍ୟୁତ୍ ସେକ୍‌ସନ୍ ଏବଂ ସାଲେପୁର ବ୍ଲକ୍‌ର ସମସ୍ତ ବିଦ୍ୟୁତ୍ ସେକ୍ସନ୍ ଅଧୀନରେ ରହିଥିବା ଉପଭୋକ୍ତା ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଟିପିସିଓଡିଏଲ୍, ବିଶେଷ କରି ଡିଜିଟାଲ ମିଟର, ଗ୍ରାହକମାନଙ୍କର ବିଦ୍ୟୁତ୍ ସମସ୍ୟା ସୃଷ୍ଟି ହେଲେ ସିଧାସଳଖ ନିକଟସ୍ଥ କାର୍ଯ୍ୟାଳୟରେ ଅଭିଯୋଗ କରିବା ପାଇଁ କୌଣସି ବ୍ୟବସ୍ଥା ନ କରିବା ଓ ସମସ୍ୟା ସଂପର୍କରେ ଟୋଲ୍ ଫ୍ରି ନମ୍ବରରେ ଅବଗତ କଲେ ୧/୨ ଦିନ ପରେ କର୍ମଚାରୀ ଆସୁଥିବାରୁ ଗ୍ରାହକମାନେ ବିଦ୍ୟୁତ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାହକଙ୍କୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ବିଲ୍‌କୁ ଆମ ମାତୃଭାଷା ଓଡ଼ିଆରେ ମୁଦ୍ରଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ନବକିଶୋର କର, ଗଗନ ବିହାରୀ ନନ୍ଦ, ସୁରେନ୍ଦ୍ର ମହାରଣା, ଅଜିତ ପଣ୍ଡା, ବିଶ୍ୱଜିତ ଷଡ଼ଙ୍ଗୀ, ଆଇନ୍‌ଜୀବୀ ଭାସ୍କରଚନ୍ଦ୍ର ବେହେରା, ରମାକାନ୍ତ ବେହେରା, ସରପଞ୍ଚ ପବିତ୍ର ସାମଲ, ହେମନ୍ତ ଦାସ, ପରବେଶ ଅଲ୍ଲୀ, ସୁଧୀର ଶତପଥୀ, ପ୍ରତ୍ୟୁଷ ମହାନ୍ତି, ମନୋଜ ଆଚାର୍ଯ୍ୟ, ଦୀପକ ଦାସ, ହୃଷିକେଶ ମଲ୍ଲିକ, ଶଙ୍କର କାଣ୍ଡି, ଶ୍ରୀପତି ଷଡ଼ଙ୍ଗୀ ଯୋଗ ଦେଇଥିଲେ।

